ODM EDUCATIONAL GROUP
Changing your Tomorrow

# ପାଠ – ୨ ଗଦ୍ୟ - ନୂଆଖାଇ

## ଶ୍ରେଣୀ – ସପ୍ତମ
## ଦ୍ୱିତୀୟ ଦିନ

**ପୂର୍ବପାଠର ଆଲୋଚନା –**

(କ) ନୂଆଖାଇ ପର୍ବ କେଉଁଠି ପାଳନ କାରଯାଏ ?

(ଖ) କେଉଁ ତିଥିରେ ନୂଆଖାଇ ପର୍ବ ପାଳନ କରାଯାଏ ?

ODM EDUCATIONAL GROUP
Changing your Tomorrow

୨

# ନୂଆଖାଇ



ଆମର ଓଡ଼ିଶା ହେଉଛି ସୁନାର ଓଡ଼ିଶା । କୃଷିପ୍ରଧାନ ରାଜ୍ୟ ଭାବରେ ଏହା ସାରା ଭାରତ ବର୍ଷରେ ପରିଚିତ । ବିଭିନ୍ନଧାର୍ମିକ ପାର୍ବଣକୁ ନେଇ ନାନା ପ୍ରକାରର ଓଷା ବ୍ରତ ଓଡ଼ିଶାରେ ପାଳିତ ହୋଇଥାଏ । ଏହା ବ୍ୟତୀତ ଦୁର୍ଗାପୂଜା, କାଳୀପୂଜା, ଦୋଳଯାତ୍ରା, ଚନ୍ଦନ ଯାତ୍ରା ଓ, ରଜପର୍ବ ପାଳନ କରାଯାଏ । ଆଦିବାସୀମାନେ ମଧ୍ୟ ଆଉ କେତେ ପର୍ବ ପାଳନ କରିଥାନ୍ତି ।

ପୂର୍ବ ଓଡ଼ିଶାରେ 'ରଜ' ଯେପରି ଗଣପର୍ବ ରୂପରେ ଆଦୃତ, ସେହିପରି ପଶ୍ଚିମ ଓଡ଼ିଶାରେ 'ନୂଆଖାଇ' ଏକ ଗଣପର୍ବ ଭାବରେ ଜାକଜମକରେ ପାଳନ କରାଯାଏ । ଏହା କେଉଁ କାଳରୁ ପାଳିତ ହୋଇଆସୁଅଛି ।

ଏହି ପର୍ବ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ କରାଯାଇଥାଏ । କୃଷକ କଠିନ ପରିଶ୍ରମର ଫଳ ସ୍ୱରୂପ ସୁନାର ଫସଲରୁ ପ୍ରଥମେ ଅମଳ କରି, ସେହି ଅନ୍ନକୁ ଇଷ୍ଟଦେବୀଙ୍କୁ ସମର୍ପଣ କରିଥାଏ । ଏହାକୁ ମାଆ ଲକ୍ଷ୍ମୀ ସାଆନ୍ତାଣୀଙ୍କ ଦୟାରୁ ପାଇଥାଏ ବୋଲି ବିଶ୍ୱାସ କରେ ।

ସମ୍ବଲପୁରର ସମଲେଶ୍ୱରୀ, ଭବାନୀପାଟଣାର ମାଣିକେଶ୍ୱରୀ, ବଲାଙ୍ଗୀରର ପାଟଣେଶ୍ୱରୀ ସୋନପୁରର ସୁରେଶ୍ୱରୀ ପ୍ରଭୃତି ଠାକୁରାଣୀଙ୍କ ନିକଟରେ ନବାନ୍ନ ନୈବେଦ୍ୟ ରୂପେ ଲାଗି କରାଯାଏ । ପରିବାରର ସମସ୍ତେ ନବାନ୍ନ ଖାଇ ଜ୍ୟେଷ୍ଠମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦଗ୍ରହଣ କରିଥାଆନ୍ତି ।

ତା'ପରେ ଆରମ୍ଭ ହୁଏ ଜୁହାର ଭେଟ୍ । ପରିବାରରେ ସମସ୍ତେ ଗୋଟିଏ ଧାଡ଼ିରେ ବସି ଭୋଜନ କରନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏ ପର୍ବ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ଦେଇଥାଏ ।

ODM
EDUCATIONAL GROUP
Changing your Tomorrow

କଠିନ ଶବ୍ଦର ଅର୍ଥ ଲିଖନ :- ଗଣ-ଲୋକ, ଅଧିକ, ନୂଆଖାଇ - ପଶ୍ଚିମ ଓଡ଼ିଶାର ଏକ ଗଣପର୍ବ, ଅମଳ କରି – ଉତ୍ପାଦନ କରି, ନୈବେଦ୍ୟ-ଭୋଗ, ଜୁହାର-ନମସ୍କାର

ବ୍ୟାକରଣଗତ ଶବ୍ଦ :- ବିପରୀତ ଶବ୍ଦ - ଧର୍ମ- ଅଧର୍ମ, କଠିନ-ତରଳ, ବିଶ୍ୱାସ-ଅବିଶ୍ୱାସ, ଆଶୀର୍ବାଦ-ଅଭିଶାପ

ପ୍ରତିଶବ୍ଦ - ଭୋଜନ-ଖାଇବା, ଭୁଞ୍ଜିବା, ଅନ୍ନ – ଭାତ

ପିଲାମାନେ ପଠିତାଂଶଟିରୁ କଣ ବୁଝିଲେ କେତୋଟି ପ୍ରଶ୍ନ ପଚରାଯିବ

(କ) ଓଡ଼ିଶାରେ କେଉଁ ପର୍ବସବୁ ପାଳିତ ହୁଏ ?

(ଖ) ନୂଆଖାଇ ପର୍ବ କେବେ ପାଳିତ ହୁଏ ?

ODM EDUCATIONAL GROUP
Changing your Tomorrow

**ଗୃହକର୍ମ :–**

ରଜପର୍ବ ବିଷୟରେ ଏକ ଅନୁଚ୍ଛେଦ ଲେଖିବ ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP

Changing your Tomorrow